# ଦ୍ୱିତୀୟ ସର୍ଗ - ଗୀତ ୧



*ବିହରିତ ବନେ ରାଧା ସାଧାରଣ-ପ୍ରଣୟେ ହରୌ*
*ବିଗଳିତ-ନିଜୋତ୍କର୍ଷାଦୀର୍ଷ୍ୟା-ବଶେନ ଗତାନ୍ୟତଃ।*
*କ୍ୱଚିଦପି ଲତା-କୁଞ୍ଜେ ଗୁଞ୍ଜନ୍-ମଧୁବ୍ରତ-ମଣ୍ଡଳୀ-*
*ମୁଖର-ଶିଖରେ ଲୀନା ଦୀନାପ୍ୟୁବାଚ ରହଃ ସଖୀମ୍।*

ଶୁଣ ସୁଜନେ ହୋଇ ସାବଧାନ।  କହିଲା ସଜନୀ ଯେତେ ବଚନ।
ଶୁଣି ରାଧିକା ଅତି ତାପ ମନେ।  ବିହରଇ ଘନଘୋର ବିପିନେ।
ଅତି ଅନୁରାଗେ, ଧରିଅଛି ତା'ର ହୃଦୟଭାଗେ।
ଭ୍ରମି ଭ୍ରମନ୍ତେ ତନୁ ତେଜ ନାଶ।  କେବଣ ହିଁ ଲତାକୁଞ୍ଜେ ପ୍ରବେଶ।
ଭ୍ରମର ମଣ୍ଡଳୀ ତଥି ଉପରେ।  ମୁଖରାବ ଧ୍ୱନି କାନରେ ସ୍ଫୁରେ।
ତା ଦେଖି ସୁମୁଖୀ, ଅତି ଦୁଃଖେ କହେ ଶୁଣ ଗୋ ସଖି।

ଶ୍ରୀରାଧା ସେ ପର୍ଯ୍ୟନ୍ତ ନିଜକୁ ଶ୍ରୀକୃଷ୍ଣଙ୍କର ଶ୍ରେଷ୍ଠ ପ୍ରଣୟିନୀ ରୂପେ ମନେକରିଥିବାରୁ, ତାହାଙ୍କୁ(ଶ୍ରୀକୃଷ୍ଣଙ୍କୁ) ଅନ୍ୟ ସାଧାରଣ ଗୋପକାମିନୀଙ୍କ ଗହଣରେ ନୃତ୍ୟକରୁଥିବାର ଲକ୍ଷ୍ୟକରି ଅତ୍ୟନ୍ତ ମର୍ମାହତ ହୋଇଥିଲେ। କାରଣ ତାଙ୍କ (ରାଧାଙ୍କ) ଉତ୍କର୍ଷତାରେ ଆଘାତ ଲାଗିଥିବାରୁ, ସେ ଈର୍ଷାବଶତଃ ସଖୀଙ୍କ ସହିତ ଅନ୍ୟତ୍ର ଚାଲିଯାଇଥିଲେ। ରାଧିକା ଶ୍ରୀକୃଷ୍ଣଙ୍କ ରାସଲୀଳା ସ୍ଥାନରୁ ଚାଲିଯାଇ, ଭ୍ରମରମାନଙ୍କ ମଧୁମୟ ଗୁଞ୍ଜନରେ ମୁଖରିତ କୌଣସି ଗୋଟିଏ ଲତାକୁଞ୍ଜରେ ଆତ୍ମଗୋପନ କରିବା ସଙ୍ଗେ ସଙ୍ଗେ ଅତ୍ୟନ୍ତ ଦୁଃଖିତା ହୋଇ ପ୍ରିୟ ସହଚରୀ ଆଗରେ ନିଜର ମନୋବେଦନା ପ୍ରକାଶ କରି କହିବାକୁ ଲାଗିଲେ।

*Keśava, the blessed one*
*Radha's pride of superiority was badly hurt due to Hari's casual love for all women.*
*Stung by envy, she wandered in the forest and dwelled in some creeper hut,*
*it's top abuzz with the hum of a swarm of buzzing bees.*
*In the quietness, with the melancholy of separation from Kṛṣṇa,*
*she opened up her mind to a companion.*



*ସଞ୍ଚରଦଧର-ସୁଧା-ମଧୁର-ଧ୍ୱନି-ମୁଖରିତ-ମୋହନ-ବଂଶଂ*
*ଚଳିତ-ଦୃଗଞ୍ଚଳ-ଚଞ୍ଚଳ ମୌଳିକପୋଳ-ବିଲୋଳବତଂସଂ।*
*ରାସେ ହରିମିହ ବିହିତ-ବିଳାସଂ, ସ୍ମରତି ମନୋ ମମ କୃତ-ପରିହାସଂ।ଧ୍ରୁବଂ।*

---

ଦେଖ ସଖି ହରି ଏଡ଼େ ନିର୍ଦ୍ଦୟ। କ୍ରୀଡ଼ଇ ଘେନି ଗୋପଜାୟା ଚୟ।
ମୋର ବିହୀନେ ରାସକେଳି ରସ। କରଇ ନାନାପ୍ରକାର ବିଳାସ।
ନାହିଁ ମୋର ଆଶ ମୋ ମନ ସୁମରଇ କ୍ରୀଡ଼ାରସ।
ଅମୀୟ ଅଧରେ ବେଣୁ ମଧୁର। ଚଳିତ ଲୋଚନେ ଚଞ୍ଚଳ ଶିର।
କପୋଳେ ଅବତଂସ ପୁଷ୍ପମାନ। ଆଲୋଳ ହୁଅନ୍ତେ ଅତି ଶୋଭନ।
ତା ପ୍ରସନ୍ନ ମୁଖ, ଦେଖି କାମିନୀ ହରୁଛନ୍ତି ଦୁଃଖ।

---

ରେ ସଖି ! ମୁଁ ସିନା ଏଠାରେ ଆତ୍ମଗୋପନ କରି ବସିରହିଛି, କିନ୍ତୁ ମୋ' ମନ ସେହି ମଦନମୋହନ ଶ୍ରୀକୃଷ୍ଣଙ୍କ ରୂପ ମାଧୁରୀକୁ ସ୍ମରଣ କରୁଛି। ଯେଉଁ ଶ୍ରୀକୃଷ୍ଣ ଗୋପକାମିନୀଙ୍କ ଗହଣରେ ହାସ, ବିଳାସ ଓ ପରିହାସପୂର୍ବକ କେଳିରସ ଅର୍ଥାତ୍ ରାସରସରେ ମଗ୍ନ ହୋଇଛନ୍ତି, ଯାହାଙ୍କର ଅଧର ଓ ଓଷ୍ଠରୁ ଝରିପଡୁଥିବା ମଧୁର ସାଧୁରସରେ ସିକ୍ତ ହୋଇ ବଂଶୀରୁ ମନୋଜ୍ଞ ସ୍ୱର ଝଙ୍କୃତ ହେଉଛି, ସେହି ବଂଶୀବାଦନ ସମୟରେ ଯାହାଙ୍କର ନୟନାଞ୍ଚଳ ଚଞ୍ଚଳ ହେବା ସଙ୍ଗେ ସଙ୍ଗେ ଶିରରେ ଥିବା ମୁକୁଟ କମ୍ପିତ ହେଉଛି ଏବଂ ଯେଉଁ କୃଷ୍ଣ ବିଳାସରସମତ୍ତ ହୋଇ ନୃତ୍ୟ କରୁଥିବା ସମୟରେ ଯାହାଙ୍କ କର୍ଣ୍ଣଯୁଗଳରେ ଥିବା ମକର କୁଣ୍ଡଳ ଆନ୍ଦୋଳିତ ହୋଇ ଗଣ୍ଡଯୁଗଳର କାନ୍ତି ବର୍ଦ୍ଧନ କରୁଛି, ସେହି ମୋହନ ମୁରଲୀଧାରୀ ଶ୍ରୀକୃଷ୍ଣଙ୍କ ବଦନଚନ୍ଦ୍ରମାକୁ ମୋର ମନରୂପକ ଚକୋର ଅହରହ ସ୍ମରଣ କରୁଛି।

---

*Sweet notes flow from the alluring flute, like nectar from His lips, the earrings dangle as His head sways and His restless eyes dart around; my mind recalls his playfull laughs during his pulsating dalliance of rāsa.*



ଚନ୍ଦ୍ରକ-ଚାରୁ-ମୟୂର-ଶିଖଣ୍ଡକ-ମଣ୍ଡଳ-ବଳୟିତ-କେଶଂ।
ପ୍ରଚୁର-ପୁରନ୍ଦର-ଧନୁରନୁରଞ୍ଜିତ-ମେଦୁର-ମୁଦିର-ସୁବେଶଂ।

ମୟୂରପୁଚ୍ଛର ଚନ୍ଦ୍ରିକା ମାଳୀ। କୁଟିଳ କେଶେ ବେଢ଼ାଇ ମଣ୍ଡଳୀ।
ଯେସନେ ନୀଳଜଳଦର ମଧ୍ୟେ। ଇନ୍ଦ୍ରଚାପ କି ସେ ହୋଇଛି ଉଦେ।
ତା ମୋହନ ଚୂଳ, ଚାହିଁଲେ ଚତୁରୀ ଚିତ୍ତ ଆକୁଳ।

ନାନା ଚିତ୍ରବିଚିତ୍ର ବର୍ଣ୍ଣରେ ପରିଶୋଭିତ ମୟୂରଚନ୍ଦ୍ରିକାରେ ତାଙ୍କର କେଶପାଶ ବଳୟିତ ହୋଇଛି। ତାକୁ ଦେଖି ମନେହେଉଛି, ସତେ ଯେପରି, ଅନେକ ଇନ୍ଦ୍ରଧନୁରେ ଅନୁରଞ୍ଜିତ ହୋଇ ମେଘମାଳା ଶୋଭାପାଉଛି କି? ଅର୍ଥାତ୍ ନାନା ବର୍ଣ୍ଣରେ ଚିତ୍ରିତ ମୟୂରପୁଚ୍ଛଯୁକ୍ତ କେଶପାଶ ଦ୍ୱାରା ଇନ୍ଦ୍ରଧନୁରେ ମଣ୍ଡିତ ନୀଳଜଳଦମଣ୍ଡଳ ପରି ମୋର ପ୍ରିୟ କୃଷ୍ଣଚନ୍ଦ୍ର ଶୋଭାପାଉଛନ୍ତି। ମୁଁ ସେହି ମନୋଜ୍ଞ ମୁଖମଣ୍ଡଳକୁ କୌଣସିମତେ ପାଶୋରି ଦେଇ ପାରୁନାହିଁ।

*Lovely peacock plumes crown the curly locks of hair on His head and the effect is that of dark clouds encircled by several rainbows.*

୦୨/୦୦୧/୦୩

ବିପୁଳ-ପୁଲକ-ଭୁଜ-ପଲ୍ଲବ-ବଳୟିତ-ବଲ୍ଲବ-ଯୁବତି-ସହସ୍ରଂ।
କର-ଚରଣୋରସି ମଣି-ଗଣ-ଭୂଷଣ-କିରଣ-ବିଭିନ୍ନ-ତମିସ୍ରଂ।

ସହସ୍ରେ ବ୍ରଜନାରୀ କରି କୋଳ। ପୁଲକିତ ଅତି ଭୁଜଯୁଗଳ।
କରେ କଙ୍କଣ ହୃଦରେ ଭୂଷଣ। ପାଦେ ନୂପୁର ନାନା ମଣିଗଣ।
ଏ ଜ୍ୟୋତି ପ୍ରକାଶ, କୁଞ୍ଜ ସଦନେ ଅନ୍ଧକାର ନାଶ।

ଆନନ୍ଦରେ ପୁଲକିତ ହୋଇଥିବା ତାଙ୍କର ଭୁଜପଲ୍ଲବଦ୍ୱାରା ସେ ଶତସହସ୍ର ଗୋପକାମିନୀଙ୍କୁ ମଣ୍ଡଳାକାରରେ ଆଲିଙ୍ଗନ କରୁଛନ୍ତି। ହସ୍ତ, ପାଦ ତଥା ବକ୍ଷଦେଶରେ ଧାରଣ କରିଥିବା ରତ୍ନ ଆଭୂଷଣ ଦ୍ୱାରା ବିଚ୍ଛୁରିତ ହେଉଥିବା ତେଜପୁଞ୍ଜରେ ବନଗହନର ଅନ୍ଧକାର ବିଦୂରିତ ହେଉଛି। ଏମନ୍ତ ଶୋଭାଶାଳୀ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ମୋ' ମନ ଅଥୟ ହେଉଛି।

*With His great horripilating arms He embraces thousands of women as the rays from the jewels that adorn them dispel the darkness of the night.*



*ଗୋପ-କଦମ୍ବ-ନିତମ୍ବବତୀ-ମୁଖ-ଚୁମ୍ବନ-ଲମ୍ଭିତ-ଲୋଭଂ।*
*ବନ୍ଧୁଜୀବ-ମଧୁରାଧର ପଲ୍ଲବ-ମୁଲ୍ଲସିତ-ସ୍ମିତ-ଶୋଭଂ।*

ଗୋପନାୟିକା ନିତମ୍ବିନୀବୃନ୍ଦ। ବଦନ ବିକଶିତ ଅରବିନ୍ଦ।
ଚୁମ୍ବନ ଦେବାରୁ ଲୋଭେ ସୁନ୍ଦରୀ। ବଳିଛି ମଧୁରାଧର ମୁରାରି।
ବଧୁକର ଆଭା, ଉଲ୍ଲସିତ ଦରହାସରେ ଶୋଭା।।

ହେ ସଖି, ଗୋପାଳମାନଙ୍କ ବଧୂ ଅର୍ଥାତ୍ ଗୋପିନୀମାନଙ୍କର ମୁଖମଣ୍ଡଳକୁ ଚୁମ୍ବନ କରିବାରେ ଶ୍ରୀକୃଷ୍ଣ ଅତ୍ୟନ୍ତ ଲୋଭାସକ୍ତ ହୋଇଉଠିଛନ୍ତି। ବଧୁଲିଫୁଲ ପରି ଗାଢ଼ ରକ୍ତବର୍ଣ୍ଣ ତାଙ୍କର ଅଧର-ପଲ୍ଲବରେ ଉଲ୍ଲାସଜନିତ ମନ୍ଦ ମନ୍ଦ ହାସ ଶୋଭାପାଉଛି। ସେହି ସ୍ମିତହାସ୍ୟଶାଳୀ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ମୋ' ମନ ବ୍ୟାକୁଳ ହେଉଛି।

*He is eager to kiss the lips of the shapely-hipped women of Gopa with a brilliant smile flashing from the ruby red buds of His lips.*



*ଜଳଦ-ପଟଳ-ଚଳଦିନ୍ଦୁ-ବିନିନ୍ଦକ-ଚନ୍ଦନ-ତିଳକ-ଲଲାଟମ୍।*
*ପୀନ-ପୟୋଧର-ପରିସର-ମର୍ଦ୍ଦନ-ନିର୍ଦ୍ଦୟ-ହୃଦୟ କବାଟମ୍।*

ଚଳନ୍ତେ ଅସିତ ଘଟ ପଟଳ। ଯେସନେ ପ୍ରକାଶ ଶଶୀମଣ୍ଡଳ।
ଚନ୍ଦନବିନ୍ଦୁ ତିଳକ ତେସନ। ହରି-ଭାଲପଟେ ଅତି ଶୋଭନ।
ଘନକୁଚଭାର, ମର୍ଦ୍ଦନେ ନିର୍ଦ୍ଦୟ ହୃଦୟ ତା'ର।

କୃଷ୍ଣଙ୍କ ଲଲାଟପଟଳରେ ଯେଉଁ ଚନ୍ଦନବିନ୍ଦୁ ଲାଗିରହିଛି ତାହା ମେଘମଣ୍ଡଳରେ ଚଳଚଞ୍ଚଳ ହେଉଥିବା ଚନ୍ଦ୍ରମଣ୍ଡଳ ପରି ଅତ୍ୟନ୍ତ ମନମୋହକ ହୋଇଛି। ପ୍ରକୃତରେ ସଖି, ନୀଳମଣି ଶ୍ରୀକୃଷ୍ଣଙ୍କ ଭାଲପଟରେ ଥିବା ସେହି ଚନ୍ଦନବିନ୍ଦୁ, ମେଘପଟଳରେ ଲୁଚକାଳି ଖେଳିବା ପରି ଚପଳଗତି କରୁଥିବା ଚନ୍ଦ୍ରବିମ୍ବକୁ ନିନ୍ଦା କରୁଛି। ଗୋପରମଣୀମାନଙ୍କର ଉନ୍ନତ ସ୍ତନମଣ୍ଡଳର ପ୍ରାନ୍ତଭାଗକୁ ନିର୍ଦ୍ଦୟଭାବରେ ମର୍ଦ୍ଦନ କରୁଥିବାରୁ ଯାହାଙ୍କର ବକ୍ଷସ୍ଥଳ ଅତ୍ୟନ୍ତ କଠିନ ହୋଇଛି, ସେହି ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ମୁଁ ଇଚ୍ଛା କରୁଛି।

*The sandal paste marks on His forehead outshine the brightness of the moon in a mass of clouds. His heart has hardened while squeezing the circumference of pointed breasts mercilessly.*

*ମଣିମୟ-ମକର-ମନୋହର-କୁଣ୍ଡଳ-ମଣ୍ଡିତ-ଗଣ୍ଡମୁଦାରମ୍।*
*ପୀତ-ବସନମନୁଗତ-ମୁନି-ମନୁଜ-ସୁରାସୁର-ବର-ପରିବାରମ୍।*

ମନୋହର ମଣିମୟ କୁଣ୍ଡଳ। ମଣ୍ଡିତ ଗୋବିନ୍ଦ ଗଣ୍ଡଯୁଗଳ।
କଟିତଟେ ଶୋହେ ପୀତ ଅମ୍ବର। ସୁର ଅସୁର ଯା'ର ପରିଚାର।
ମୁନିଜନ ଆଦି, ଇତର ମନୁଷ୍ୟ କିଏ ପ୍ରସିଦ୍ଧି।

ସେହି ଶ୍ରୀକୃଷ୍ଣ କର୍ଣ୍ଣରେ ମଣିମୟ ମକର ଆକୃତିର କୁଣ୍ଡଳ ଦୁଇଟି ପିନ୍ଧିଛନ୍ତି। ତା' ଫଳରେ ଔଦାର୍ଯ୍ୟଗୁଣଯୁକ୍ତ ତାଙ୍କର ଗଣ୍ଡଯୁଗଳ ମଣିମୟତେଜରେ ଉଦ୍‌ଭାସିତ ହୋଇଉଠିଛି। ପୀତାମ୍ବରଧାରୀ ଯେଉଁ ଶ୍ରୀକୃଷ୍ଣଙ୍କର ନାରଦ ଆଦି ମୁନିଗଣ, ଭୀଷ୍ମ ଆଦି ମହାମାନବ ସମୂହ, ଇନ୍ଦ୍ର ଆଦି ଦେବବୃନ୍ଦ ତଥା ପ୍ରହ୍ଲାଦ ଆଦି ଅସୁରମାନେ ପରିଜନ ରୂପେ ରହିଛନ୍ତି, ସେହି ନାଗରବରଙ୍କ ବିରହରେ ମୋର ମନ ଉନ୍ମଥିତ ହେଉଛି।

*A pair of beautifully crafted crocodile shaped earrings studded with precious jewels adorn His sublime cheeks. All men, sages, gods and demons serve this wearer of bright yellow robes.*





*ବିଶଦ-କଦମ୍ବ-ତଳେ ମିଳିତଂ କଳି-କଲୁଷ-ଭୟଂ ଶମୟନ୍ତମ୍।*
*ମାମପି କିମପି ତରଙ୍ଗଦନଙ୍ଗଦୃଶା ମନସା ରମୟନ୍ତମ୍।*

ଶ୍ୱେତ କଦମ୍ବତଳେ ଜନାର୍ଦ୍ଦନ।　　କଳିକଲୁଷ କରେ ବିନାଶନ।
ମୋହର ମନ ତାହା ତହିଁ ଗମେ।　　ମଦନେ ତରଳ ଲୋଚନେ ରମେ।
ଦେଖିବାକୁ ଆଶ, ଯେତେ ଦୁଃଖ ଦେଲେ ନୋହେ ନିରାଶ।

ପ୍ରଣୟକଳହରେ କଳୁଷିତ ମୋର ହୃଦୟକୁ ଶାନ୍ତ କରିବା ଉଦ୍ଦେଶ୍ୟରେ ମନୋରମ କଦମ୍ବ ବୃକ୍ଷ ମୂଳରେ ଉପସ୍ଥିତ ଅଥବା କଳିକାଳର ପାପ ସମୂହଦ୍ୱାରା କଳୁଷିତ ହୃଦୟଯୁକ୍ତ ଲୋକମାନଙ୍କ ମନକୁ ନିର୍ମଳ କରିବା ଉଦ୍ଦେଶ୍ୟରେ ମନୋଜ୍ଞ ତଥା ପବିତ୍ର କଦମ୍ବମୂଳରେ ଶ୍ରୀକୃଷ୍ଣ ଉଭାହୋଇଛନ୍ତି ଏବଂ ମୋ' ଆଡ଼କୁ ତରଙ୍ଗାୟିତ କାମଦୃଷ୍ଟିରେ କଟାକ୍ଷପାତ କରି ମନମନ୍ଦିରରେ ମୋ' ସହିତ କ୍ରୀଡ଼ା କରୁଥିବା ସେହି ନାଗରବରଙ୍କୁ ଏକାନ୍ତରେ ପାଇବା ପାଇଁ ମୁଁ ଇଚ୍ଛା କରୁଛି।

*He meets the Gopis under the Keḷikadamba tree and dispels the fear of sins done in ignorance in kaḷiyuga. As I am away, He sports with me mentally, radiating waves of passion through his sensuous looks.*



*ଶ୍ରୀଜୟଦେବ-ଭଣିତମତିସୁନ୍ଦର-ମୋହନ-ମଧୁରିପୁ-ରୂପମ୍।*
*ହରି-ଚରଣ-ସ୍ମରଣଂ ପ୍ରତି ସଂପ୍ରତି ପୁଣ୍ୟବତାମନୁରୂପମ୍।*

ଶ୍ରୀମନ୍ତ ଜୟଦେବ କବି ଭଣେ। କୃଷ୍ଣ-ମୋହନ ମୂରତି ନିର୍ଗୁଣେ।
ନାଗେନ୍ଦ୍ର ମୁନିଇନ୍ଦ୍ର ସୁଜ୍ଞ ସୁଖ। ଯେଉଁ ଚରଣ ଚିନ୍ତି ତ୍ୟଜେ ଦୁଃଖ।
ସେ ମୂର୍ତ୍ତିଙ୍କ ସାର, ଭକ୍ତଦୁରିତ ଛେଦନେ କୁଠାର।

ଶ୍ରୀ ଜୟଦେବ କବି ମୋହନସୁନ୍ଦର ମଧୁଦୈତ୍ୟନିସୂଦନ ଶ୍ରୀକୃଷ୍ଣଙ୍କ ରୂପବର୍ଣ୍ଣନା କରିଛନ୍ତି। ବର୍ତ୍ତମାନର କଳିଯୁଗରେ ପୁଣ୍ୟବାନ୍ ସୌଭାଗ୍ୟଶାଳୀ ଲୋକମାନେ ତାଙ୍କର ନାମଗୁଣ ସ୍ମରଣ-କୀର୍ତ୍ତନରେ ଅଧିକ ମନୋଯୋଗୀ ହେବେ। ଶ୍ରୀଜୟଦେବଙ୍କ ଭଣିତ ଶ୍ରୀକୃଷ୍ଣଙ୍କ ମୋହନସୁନ୍ଦର ରୂପବର୍ଣ୍ଣନା ଶୁଣି ସାଧାରଣ ଜନମାନେ ମଧ ପୁଣ୍ୟବାନ୍ ଯୋଗିଗଣଙ୍କ ପରି ଅନୁରୂପ ଫଳ ଲାଭକରିବେ।

*Śrī Jaẏadeva has described the very beautiful image of Madhu’s foe in this song,*
*fit song for righteous people who focus their minds at Hari’s feet.*

*ଗଣୟତି ଗୁଣଗ୍ରାମଂ ଭ୍ରାମଂ ଭ୍ରମାଦପି ନେହତେ*
*ବହତି ଚ ପରିତୋଷଂ ଦୋଷଂ ବିମୁଞ୍ଚତି ଦୂରତଃ।*
*ଯୁବତିଷୁ ବଳତୃଷ୍ଣେ କୃଷ୍ଣେ ବିହାରିଣି ମାଂ ବିନା*
*ପୁନରପି ମନୋ ବାମଂ କାମଂ କରୋତି କରୋମି କିମ୍।୧୦।*

କୃଷ୍ଣର ଗୁଣ ଗୁଣି ମୋର ଦେହ। ଭ୍ରମ ହୋଇ ଚିତ୍ତ କରୁଛି ମୋହ।
ଯେତେ ଦୋଷ କଲେ ମୁଁ ନ ଘେନଇ। ପୁନରପି ଚିତ୍ତ ତାହାର ତହିଁ।
ସେ ନିର୍ଦ୍ଦୟ ହରି, ମୋ ବିନେ କ୍ରୀଡ଼େ ଘେନି ବ୍ରଜନାରୀ।

ହେ ସଖି, ମୋ’ ମନ ସର୍ବଦା ଶ୍ରୀକୃଷ୍ଣଙ୍କ ଗୁଣସମୂହକୁ ସ୍ମରଣ କରୁଛି; ଭୁଲ୍‌ରେ ଦିନେ ହେଲେ ମଧ୍ୟ ତାଙ୍କଠାରେ କିଛି ଦୋଷଥିବାର ଦେଖିବା ପାଇଁ ଇଚ୍ଛା କରୁନାହିଁ। କିମ୍ବା ଭ୍ରମରେ ସୁଦ୍ଧା ମୁଁ ତାଙ୍କ ଉପରେ କୋପ କରିପାରୁ ନାହିଁ। ଅନ୍ୟାନ୍ୟ ଗୋପଯୁବତୀମାନଙ୍କ ପ୍ରେମରେ ମଜ୍ଜି, ସେ ମୋତେ ତ୍ୟାଗ କରି ରାସ-ଲୀଳା-ବିହାରରେ ମାତିଛନ୍ତି। ତଥାପି ମୋ’ ମନ ତାଙ୍କରି ସହିତ କ୍ରୀଡ଼ା କରିବାକୁ ପୁଣି ପୁଣି ଇଚ୍ଛାକରୁଛି। ମୁଁ ଏବେ କରିବି କ’ଣ?

*I remember all His attributes, but cannot identify a fault that outrages me.*
*Even when He leaves me for other women to indulge His craving,*
*my perverse mind desires Kṛṣṇa. What can I do?*

# ଦ୍ୱିତୀୟ ସର୍ଗ - ଗୀତ ୨





*ନିଭୃତ-ନିକୁଞ୍ଜ-ଗୃହଂ ଗତୟା ନିଶି ରହସି ନିଲୀୟ ବସନ୍ତମ୍।*
*ଚକିତ-ବିଲୋକିତ-ସକଳ-ଦିଶା ରତି-ରଭସ-ରସେନ ହସନ୍ତମ୍।*
*ସଖି ହେ, କେଶି-ମଥନମୁଦାରମ୍।*
*ରମୟ ମୟା ସହ ମଦନ-ମନୋରଥ ଭାବିତୟା ସବିକାରମ୍। ଧ୍ରୁବଂ।*

---

ଶୁଣ ସଜନି ବଚନ ମୋହର। କେଶିରିପୁତୁଲେ ସଂଯୋଗ କର।
କାମ-କାମନା ପୂର୍ଣ୍ଣକର ମୋର। ବିବିଧ ପ୍ରକାରେ ଯେତେ ଶୃଙ୍ଗାର।
ଶୁଣ ପ୍ରାଣସହି, ଯେମନ୍ତ ଭାବେ କେଳି କରିବଇଁ।
ନିର୍ଜନ ନିକୁଞ୍ଜ ସଦନେ ମୁହିଁ। ନିଶି ଅନ୍ଧକାରେ ଥିବଇଁ ତହିଁ।
ନ ଦେଖି ଚକିତ ହୋଇବେ ହରି। ଚାହିଁବେ ଦିଗେ ଦିଗେ ଅନୁସରି।
ପଶିବେ ସେ ବନ, ହସିବେ ମୋର ପାଇଣ ଦର୍ଶନ।

---

ହେ ସଖି, ଏକାନ୍ତ ଏହି ଲତାକୁଞ୍ଜକୁ ଆସି କାମଭାବିତ ହୋଇ, କାଳେ ଶ୍ରୀକୃଷ୍ଣ ଏଠାକୁ ଆସି କୌଣସି ସ୍ଥାନରେ ରହି ମୋ' ଅସ୍ତବ୍ୟସ୍ତତା ଲକ୍ଷ୍ୟ କରୁଥିବେ, ସେପରି ଭାବି ଚକିତ ଚିତ୍ତରେ ଏଣେତେଣେ ମୁଁ ଚାହିଁ ତାଙ୍କ ସହିତ ମିଳିତ ହେବାପାଇଁ ଭାବୁଛି। ସେ ହୁଏତ ଏହି ମନୋଜ୍ଞ ରାତ୍ରିରେ କେଉଁଠି ଲୁଚି ରହି ମୋ' କାମଦଶା ଦେଖି ମନ୍ଦ ମନ୍ଦ ହସୁଥିବେ। କାମଭାବନାଯୁକ୍ତ ଅତ୍ୟନ୍ତ ଉଦାର ସେହି କେଶିଦୈତ୍ୟର ବିନାଶକାରୀ ଶ୍ରୀକୃଷ୍ଣଙ୍କ ସହିତ ମୋର ମିଳନ କରାଅ।

---

*Coming lo the lovely forest hut at night I am sitting quietly in deep contemplation,*
*looking all around with awe and thinking about his charming sensuous attributes,*
*O friend! my mind is possessed by the passions of God of love. Kindly arrange for my*
*love-dalliance with the kind hearted and valiant subduer of Keshi.*



*ପ୍ରଥମ-ସମାଗମ-ଲଜ୍ଜିତୟା ପଟୁ-ଚାଟୁ-ଶତୈରନୁକୂଳମ୍।*
*ମୃଦୁ-ମଧୁର-ସ୍ମିତ-ଭାଷିତୟା ଶିଥିଳୀକୃତ-ଜଘନ-ଦୁକୂଳମ୍।*

ପ୍ରଥମେ ତା'ର ମୋହର ସଙ୍ଗତ। ଲଜ୍ଜାଭରେ ମୋ ତନୁ ସଙ୍କୁଚିତ।
ବିବିଧ ପ୍ରକାରେ ଚାଟୁ ଯେତେକ। କହିବେ ମୃଦୁମଧୁରେ ଅନେକ।
ମୋ ହାସ୍ୟ ବଚନ, ଫେଡ଼ିବେ ଘନଜଘନୁ ବସନ।

ହେ ସଖି, ତାଙ୍କ ସହିତ ମୋର ପ୍ରଥମ ମିଳନ ହେତୁରୁ ମୁଁ ଲାଜରେ ଲୋଟିପଡୁଥିବି। ସେ ମଧ୍ୟ ଅନେକ ପ୍ରକାର ଚାଟୁବଚନ କହିବାରେ ବେଶ୍ ପାରଗ ଅଟନ୍ତି। ସେ ମୋର ଲାଜ ଛଡ଼ାଇବା ପାଇଁ ଅନେକ ପ୍ରକାର ସମୟ ଅନୁକୂଳ ଚାଟୁବଚନ କହିବେ। ତାହା ଶୁଣିବାମାତ୍ରେ ମୁଁ ମଧ୍ୟ ମନ୍ଦ ମନ୍ଦ ହସି କୋମଳ ସ୍ୱରରେ ଆପଣାର ସ୍ୱୀକୃତି ସୂଚକ ବଚନ କହିବି। ମୋର ଅନୁକୂଳ ମତ ଜାଣି ସେ ଧୀରେ ଧୀରେ ମୋ' ଜଘନଦେଶରୁ ବସନ ଆଡେଇଦେଇ, ମୋ ସହିତ ରତିକ୍ରୀଡ଼ାରେ ପ୍ରବୃତ୍ତ ହେବା ପାଇଁ ଭରସି ଉଠିବେ। ଏପରି ଯେଉଁ ଶ୍ରୀକୃଷ୍ଣ, ତାଙ୍କ ସହିତ ମୋର ମିଳନ କରାଅ।

*When we meet first I blush and shy away. He cajoles and coaxes me with flattering words. Smiling tenderly he loosens the cloth from my hips.*





*କିଶଳୟ-ଶୟନ-ନିବେଶିତୟା ଚିରମୁରସି ମମୈବ ଶୟାନମ୍।*
*କୃତ-ପରିରମ୍ଭଣ-ଚୁମ୍ବନୟା ପରିରଭ୍ୟ କୃତାଧର-ପାନମ୍।*

---

ନବୀନ ପଲ୍ଲବ ଶଯ୍ୟା ଉପରେ।        କୃଷ୍ଣଙ୍କୁ ଆଣି ଶୁଆଇବି ଉରେ।
କରିବି ଗାଢ଼ଭରେ ଆଲିଙ୍ଗନ।        ନଳୀନ ବଦନେ ଦେବି ଚୁମ୍ବନ।
ଉତ୍ସୁକରେ ମନ, ଅଧରୁ ଅମୀୟ କରିବି ପାନ।

---

ହେ ସଖି, ସେତେବେଳେ ମୁଁ କାମ ଜ୍ୱାଳାରେ ବ୍ୟଥିତା ହୋଇ ନୂତନ କୋମଳ ପତ୍ରଶଯ୍ୟାରେ ଶୋଇଥିବି। ସେ ମୋ' ସହିତ ରମଣ କରିବା ଅବସ୍ଥାରେ ମୋ' ବକ୍ଷଦେଶରେ ଶୟନ କରିଥିବେ। ଏପରି ମନୋଜ୍ଞ ପରିବେଶରେ ମୁଁ ତାଙ୍କ ଶରୀରକୁ ଦୃଢ଼ବାହୁବନ୍ଧନରେ ଆଲିଙ୍ଗନ କରି ତାଙ୍କୁ ଚୁମ୍ବନ ଦେଉଥିବି ଏବଂ ସେ ମଧ୍ୟ ମୋତେ ଆଲିଙ୍ଗନପାଶରେ ବନ୍ଦୀ କରି ମୋ' ଅଧରରୁ ମଧୁପାନ କରୁଥିବେ। ଏପରି କାମ ଆବେଶରେ ବଶୀଭୂତ ଶ୍ରୀକୃଷ୍ଣଙ୍କୁ ଆଣି ମୋ' ସହିତ ମିଳାଇଦିଅ।

---

*I lie on the bed of tender leaves and He lies on top of my bosom. I embrace and kiss Him wildly as He clings to me kissing my lips.*



*ଅଳସ-ନିମୀଳିତ-ଲୋଚନୟା ପୁଲକାବଳି-ଲଳିତ-କପୋଳମ୍।*
*ଶ୍ରମ-ଜଳ-ସକଳ-କଳେବରୟା ବର-ମଦନ-ମଦାଦତି-ଲୋଳମ୍।*

ମଦନ ମତ୍ତଭରେ ଅତି ଭୋଳା। ହୋଇଥିବେ ସେହୁ ଅତି ଚଞ୍ଚଳା।
ସକଳ କଳେବର ଶ୍ରମଝାଳେ। ପୁଲକିତ ଘନ କପୋଳ ତଳେ।
ଅଳସିତ ଘେନି, ବୁଜିଥିବ ମୋର ନୟନ ବେନି।

ହେ ସଖି, ତାଙ୍କ ସହିତ ରତିକେଳି ଶେଷ କରିଥିବାରୁ, ମୋ' ଦେହ ଶ୍ରମଜନିତ ଝାଳରେ ସୁଡୁବୁଡୁ ହୋଇଯାଇଥିବ। ରତିସୁଖରେ ଭୋଳ ହୋଇ ପରିତୃପ୍ତିଜନିତ ଆନନ୍ଦରେ ମୋ' ଆଖି ଦୁଇଟି ଅଳସରେ ଅର୍ଦ୍ଧମୁଦ୍ରିତ ହୋଇଯାଇଥିବ। ମୋର ଝାଳ ସୁଡୁବୁଡୁ ଦେହକୁ ଗାଢ଼ ଆଲିଙ୍ଗନପାଶରେ ଭିଡ଼ି ଧରିଥିବାରୁ, ତାଙ୍କର ଲଳିତ ଗଣ୍ଡଯୁଗଳ ପୁଲକିତ ହୋଇଉଠିଥିବ ଏବଂ ସେ କାମାବେଶରେ ଅତ୍ୟନ୍ତ ଚଞ୍ଚଳ ହୋଇଉଠିଥିବେ। ଏପରି କାମକେଳିପ୍ରବୀଣ ଶ୍ରୀକୃଷ୍ଣଙ୍କୁ ଆଣି ମୋ' ସହିତ ମିଳାଇଦିଅ।

*I lie lazily with my eyes half-closed; I feel the flush on His face as my entire body gets moist with sweat. He trembles with the onrush of lust.*





*କୋକିଳ-କଳରବ-କୂଜିତୟା ଜିତ-ମନସିଜ-ତନ୍ତ୍ର-ବିଚାରମ୍।*
*ଶ୍ଳଥ-କୁସୁମାକୁଳ-କୁନ୍ତଳୟା ନଖ-ଲିଖିତ-ଘନ-ସ୍ତନ-ଭାରମ୍।*

କାମଭୋଳେ ମୋର ସୁରସ ବାଣୀ। କୋକିଳ ମୃଦୁ ମୃଦୁ ଭାବ ଜାଣି।
ଫିଟିବ କୁନ୍ତଳୁ କବରୀ ଭାର। ଖସି କୁସୁମ ପଡ଼ିବ ଶଯ୍ୟାର।
ଘନକୁଚେ ବେନି, ଲେଖିବେ ହରି ତୀକ୍ଷ୍ଣ ନଖ ଘେନି।

ସେହି ସମୟରେ ରତିକ୍ରୀଡ଼ାର ପରିତୃପ୍ତିରେ ମୋ' ମୁଖରୁ କୋକିଳର କଳକୂଜନ ପରି ମନୋରମ ମଧୁର ବାଣୀ ନିଃସୃତ ହେଉଥିବ ଏବଂ ରତିକାଳୀନ ମନୋରମ ସଜ୍ଜାରେ ମୋ' କବରୀରେ ଗୁନ୍ଥାଯାଇଥିବା ଫୁଲଗୁଡ଼ିକ ଫିଟିପଡ଼ି ତଳେ ବିଞ୍ଚିହୋଇ-ଯାଇଥିବେ। ସେ କାମକଳାରେ ଅତ୍ୟନ୍ତ ନିପୁଣ ହୋଇଥିବାରୁ ବିବିଧ ବନ୍ଧରେ ମୋ' ସହିତ ରତିକ୍ରୀଡ଼ା କରୁଥିବେ ଏବଂ ମୋ' ଉନ୍ନତ ଘନପୟୋଧର ଯୁଗଳରେ ନଖକ୍ଷତ ଅଙ୍କିତ କରୁଥିବେ। ସଖି, ଏପରି ରତିକଳା ନିପୁଣ ଶ୍ରୀକୃଷ୍ଣଙ୍କୁ ଆଣି ମୋ' ସହିତ ମିଳାଇଦିଅ।

*I murmur like a cuckoo marveling at His erotic skill. The wilted flowers are loosened from the locks of my hair and my firm breasts bear the marks of His nails.*



ଚରଣ-ରଣିତ-ମଣି-ନୂପୁରୟା ପରିପୂରିତ-ସୁରତ-ବିତାନମ୍।
ମୁଖର-ବିଶୃଙ୍ଖଳ-ମେଖଳୟା ସକଚ-ଗ୍ରହ-ଚୁମ୍ବନ-ଦାନମ୍।

କଟୀରେ କଟୀମେଖଳା ମୋହର। ପୟରେ ରୁଣୁଝୁଣିତ ନୂପୁର।
କ୍ରୀଡ଼ାକାଳେ ଏହୁ କରିବେ ନାଦ। ପୂରିବ କେଳିସଦନେ ଶବଦ।
ସେ ଜଗଜ୍ଜୀବନ, କେଶ ଧରି ମୁଖେ ଦେବେ ଚୁମ୍ବନ।

ଉତ୍ତାନ କାଳୀନ ସୁରତ ଅବସ୍ଥାରେ ମୋର ଚରଣ ଯୁଗଳରେ ବନ୍ଧା ହୋଇଥିବା ମଣିନିର୍ମିତ ନୂପୁରର କିଣିକିଣି ନାଦ ମୃଦୁମନ୍ଦ ସ୍ୱରରେ ଗୁଞ୍ଜରିତ ହେଉଥିବ ଏବଂ ମୋ' ଅଣ୍ଟାରେ ପିନ୍ଧିଥିବା ଚନ୍ଦ୍ରହାରର ଝଙ୍କାରରେ ପରିବେଶ ଝଙ୍କୃତ ହୋଇଉଠୁଥିବ। ସେତେବେଳେ ମୋର କେଶପାଶକୁ ଭିଡ଼ିଧରି ସେ ଗାଢ଼ ଚୁମ୍ବନଦାନ କରିବା ସଙ୍ଗେ ସଙ୍ଗେ ସୁରତକ୍ରୀଡ଼ାରେ ପରିପୂର୍ଣ୍ଣତା ଲାଭକରୁଥିବେ। ହେ ସଖି, ଏପରି ରତିକୁଶଳ ଶ୍ରୀକୃଷ୍ଣଙ୍କୁ ମୋ' ପାଖକୁ ଘେନିଆସ।

*As He reaches the height of passion the bejewelled anklets ring in tandem and the girdle belt falls off noisily when He draws my hair to plant a deep kiss on my lips.*

ରତି-ସୁଖ-ସମୟ-ରସାଳସୟା ଦର-ମୁକୁଳିତ-ନୟନସରୋଜମ୍।
ନିଃସହ-ନିପତିତ-ତନୁ-ଲତୟା ମଧୁସୂଦନମୁଦିତ-ମନୋଜମ୍।

ରତିସୁଖ କାଳେ ହୋଇ ଶିଥିଳ। ଚାହିଁ ନ ପାରି ଲୋଚନ-କମଳ।
ନିସ୍ତ୍ରାଣ ହୋଇଣ ଶଯ୍ୟା ଉପରେ। ଶୋଇଥିବି ମୁଁ ଅଳସିତ ଭରେ।
ସେ ମଧୁସୂଦନ, କୋଟିମଦନ ପ୍ରସନ୍ନ ବଦନ।

ରତିସୁଖ ଲାଭ କରିବା ପରେ, ମୋର ଶରୀର ଅଳସବଶତଃ ନବପଲ୍ଲବ ଶଯ୍ୟାରେ ଉତ୍ତାନ ହୋଇ ପଡ଼ିରହିଥିବ ଏବଂ ରତିରସରେ ପରିତୃପ୍ତି ଲାଭ କରି ମୋର ତନୁଲତିକା ନିତାନ୍ତ ଅସହାୟ ଅବସ୍ଥାରେ ରହିଥିବ। ମୋର କ୍ଳାନ୍ତି ତଥା ରତିରଣରେ ପରାଭୂତ ହୋଇଥିବା ଅବସ୍ଥାକୁ ଲକ୍ଷ୍ୟକରି, ତାଙ୍କର ନୟନଯୁଗଳ ଅତିଶୟ ପ୍ରୀତିରେ ମୁଦ୍ରିତ ହୋଇଆସୁଥିବ ଏବଂ ରତିସମରରେ ଜୟଯୁକ୍ତ ହୋଇଥିବାରୁ ତାଙ୍କର କାମବାସନା ଉତ୍ତେଜିତ ହୋଇଉଠୁଥିବ। ହେ ସଖି, ମଧୁଦୈତ୍ୟକୁ ପରାଭୂତ କରିଥିବା ସେହି ଶ୍ରୀକୃଷ୍ଣଙ୍କୁ ମୋ' ନିକଟକୁ ଘେନିଆସ।

*After savouring coital joy my body lies limp.*
*His lotus eyes half-open, Madhusūdana lies on me delighted.*





ଶ୍ରୀଜୟଦେବ-ଭଣିତମିଦମତିଶୟ-ମଧୁରିପୁ-ନିଧୁବନଶିଳମ୍।
ସୁଖମୁତ୍କଣ୍ଠିତ-ଗୋପବଧୂ-କଥିତଂ ବିତନୋତୁ ସଲୀଳମ୍।

ଜୟଦେବ କବି ଏ ଗୀତ ଭଣି। ବାସୁଦେବ କେଳିରସ ବଖାଣି।
ଉତ୍କଣ୍ଠେ ରାଧିକା ସଖୀକି କହି। ତିନିଲୋକକୁ ସୁଖକର ଏହି।
ହେ ସକଳ ଜନ, ତୁମ୍ଭମାନଙ୍କ ହେଉ ଶୁଭମାନ।

ଶ୍ରୀଜୟଦେବ କବି କହୁଛନ୍ତି- ହେ ଭକ୍ତଜନମାନେ, ଶ୍ରୀକୃଷ୍ଣଙ୍କ ରତିବିଳାସ ବର୍ଣ୍ଣିତ ଘଟନା ଏବଂ ସମ୍ଭାବିତ ସୁଖ ଲାଭରେ ଉତ୍କଣ୍ଠିତା ଶ୍ରୀରାଧାଙ୍କ କାମ ଉଚ୍ଚାଟନ ତୁମମାନଙ୍କ ହୃଦୟରେ ହରିରସଲୀଳା ବିସ୍ତାର କରୁ।

*Jayadeva sings about Rādhā's fantasy of making love to Madhusūdana.*
*Let His sweet song spread joy all around.*





ହସ୍ତ-ଶ୍ରସ୍ତ-ବିଳାସ-ବଂଶମନୃଜୁ-ଭ୍ରୂ-ବଲ୍ଲି-ମଦ୍‌ବଲ୍ଲବୀ-
ବୃନ୍ଦୋତ୍ସାରି-ଦୃଗନ୍ତ-ବୀକ୍ଷିତମତି-ସ୍ୱେଦାର୍ଦ୍ର-ଗଣ୍ଡସ୍ଥଳମ୍।
ମାମୁଦ୍‌ବୀକ୍ଷ ବିଲକ୍ଷିତ-ସ୍ମିତ-ସୁଧା-ମୁଗ୍ଧାନନଂ କାନନେ
ଗୋବିନ୍ଦଂ ବ୍ରଜସୁନ୍ଦରୀଗଣ-ବୃତଂ ପଶ୍ୟାମି ହୃଷ୍ୟାମି ଚ।

---

ଶ୍ରୀକୃଷ୍ଣ ଯହୁଁ ଦେଖିଲେ ରାଧାକୁ। ସଲଜ୍ଜେ ଅତି ସଙ୍କୋଚି ମନକୁ।
ହସ୍ତରୁ ମୋହନବେଣୁ ପଡ଼ିଲା। ଗଣ୍ଡଯୁଗଳ ଝାଳରେ ବୁଡ଼ିଲା।
ସ୍ତମ୍ଭନଭ୍ରୂଲତା, ନିରୁତ୍ସାହେ ଗଲେ ଗୋପବନିତା।
ହରଷ ହୋଇ ସେ ରାଧା ସୁନ୍ଦରୀ। କହଇ ଆସି ଶୁଣ ସହଚରୀ।
ବେଢ଼ିଛନ୍ତି ବ୍ରଜ ଯୁବତୀଗଣେ। ଦେଖିଲେ ହରି କ୍ରୀଡ଼ା କରେ ବନେ।
ତା ବଦନ କାନ୍ତି, ଦରହସିତ କି ସୁଧାଂଶୁଜ୍ୟୋତି।

---

ହେ ସଖି, ଗୋପତରୁଣୀମାନଙ୍କ ଗହଣରେ ନୃତ୍ୟ କରୁଥିବା ନାଗର ଶ୍ରୀକୃଷ୍ଣଙ୍କୁ ଏହି ବନରେ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତା ହୋଇଛି। ମୋ' ଉପରେ ତାଙ୍କର ଦୃଷ୍ଟି ପଡ଼ିବାମାତ୍ରକେ ସେ ଅତ୍ୟନ୍ତ ଲଜ୍ଜିତ ହୋଇଛନ୍ତି। ତେଣୁ ତାଙ୍କ ସୁଧାପୂର୍ଣ୍ଣ ମୁଖମଣ୍ଡଳରେ ଲଜ୍ଜାଜନିତ ମନ୍ଦହାସ ଶୋଭାପାଉଛି। ଯେଉଁ ଗୋପବାଳୀମାନଙ୍କର ଭ୍ରୂକୁଟୀ କୁଟିଳ ହୋଇଛି ସେମାନଙ୍କ ଦୃଷ୍ଟି ଶ୍ରୀକୃଷ୍ଣଙ୍କଠାରୁ ଅପସାରିତ ହୋଇଛି, ଅର୍ଥାତ୍ ସେମାନେ ମୋତେ ଦେଖିବାମାତ୍ରେ ଶ୍ରୀକୃଷ୍ଣଙ୍କଠାରୁ ଅପସରିଯାଉଛନ୍ତି। ଲଜ୍ଜାରେ ଶ୍ରୀକୃଷ୍ଣଙ୍କ ଗଣ୍ଡଯୁଗଳ ସ୍ୱେଦବିନ୍ଦୁରେ ଜରଜର ହୋଇଉଠିଛି। ଆହୁରି ମଧ୍ୟ ତାଙ୍କର ଅତ୍ୟନ୍ତ ପ୍ରିୟ ବିଳାସବଂଶୀଟି ଶିଥିଳିତ ହସ୍ତଲତାରୁ ଖସି ତଳେ ପଡ଼ିଯାଇଛି।

ହେ ସଖି, ମୋତେ ଦେଖିବା ଫଳରେ ତାଙ୍କର ଯେଉଁ ଲଜ୍ଜାଜନିତ ଖେଦ ମନରେ ଜାତହୋଇଛି, ତା'ରି ଫଳରେ ଏ ପ୍ରକାର ବିକାର ତାଙ୍କଠାରେ ଦେଖାଦେଇଛି। ତେଣୁ ମୁଁ ତାଙ୍କର ଅବସ୍ଥା ଦେଖି ଅତ୍ୟନ୍ତ ଆନନ୍ଦିତା ହୋଇଛି।

---

*The flute falls off from His hand when He realizes I am watching Him frolicking with the beauties of Braja. He smiles bewildered as sweats of love wet His cheeks. I am delighted to watch His pitiful plight.*



*ଦୁରାଲୋକ-ସ୍ତୋକ-ସ୍ତବକ-ନବକାଶୋକ-କଳିକା*
*ବିକାଶଃ କାସାରୋପବନ ପବନୋଽପି ବ୍ୟଥୟତି।*
*ଅପି ଭ୍ରମ୍ୟଦ୍‌ଭୃଙ୍ଗୀ-ରଣିତ-ରମଣୀୟା ନ ମୁକୁଳ-*
*ପ୍ରସୂତିଶ୍ଚୂତାନାଂ ସଖି ଶିଖରିଣୀୟଂ ସୁଖୟତି।*

---

ଦେଖ ସଖି, ନବକଢ଼ି ଅଶୋକ।    ପ୍ରକାଶ ହୁଅନ୍ତେ ବଢ଼ଇ ଶୋକ।
ତୋଟା କାନନ ସରୋବର କୂଳ।    ସଧୀରେ ବହଣ ମଳୟାନିଳ।
ଏ ଦହଇ ମନ, ହରି ବିନୁ ଏ ଅନଳ ସମାନ।
ନବୀନ ବକୁଳ ଚୂତ ମୁକୁଳ।    ଶିଖରେ ମଉଭରେ ଭୃଙ୍ଗକୁଳ।
କରନ୍ତି ଭଣିତ ମଧୁରବାଣୀ।    ଶୁଣି ଚିତ୍ତଭ୍ରମ ହୁଏ ମିତଣି।
ମୁଁ କରିବି କିସ, ଜାଣିଲି କୃଷ୍ଣ ମୋହରେ ନିରାଶ।

---

ହେ ସଖି, ଏହି କୁଞ୍ଜବନର ଅଶୋକବୃକ୍ଷରେ ପେଣ୍ଠା ପେଣ୍ଠା ହୋଇ ଫୁଟିଥିବା ଅଶୋକ କଳିକାଗୁଡ଼ିକୁ ମୁଁ ଆଦୌ ସହ୍ୟ କରିପାରୁ ନାହିଁ। ଅଶୋକ କଳିକା କାମ ଉତ୍ତେଜକ ହୋଇଥିବାରୁ, ସେଗୁଡ଼ିକ ମୋ' ପକ୍ଷରେ ଆଦୌ ସୁଖକର ହେଉନାହାନ୍ତି। ଅଶୋକ କଳିକାର ବିକାସ ମୋ' ପକ୍ଷରେ ଦୁଃଖଦାୟକ ହୋଇଛି। ଏହି କୁଞ୍ଜବନର ପରିସର ମଧ୍ୟରେ ଥିବା ପୁଷ୍କରିଣୀର ଶୀତଳଜଳକୁ ସ୍ପର୍ଶକରି ମନ୍ଦ ମନ୍ଦ ହୋଇ ବହିଆସୁଥିବା ଶୀତଳ ତଥା ସୁଗନ୍ଧପବନ ମୋ' ମନରେ ବ୍ୟଥା ଜାତ କରୁଛି।

ଏହି ଗିରିଶିଖରରେ ଥିବା ଆମ୍ରଗଛର ବଉଳର ସୁଗନ୍ଧରେ ପ୍ରଲୁବ୍ଧ ଭ୍ରମରମାନେ ଗୁଣୁଗୁଣୁ ହୋଇ ସେଠାରେ ପରିଭ୍ରମଣ କରୁଛନ୍ତି। ସେ ନୟନାଭିରାମ ଦୃଶ୍ୟ ମଧ୍ୟ ମୋ' ପକ୍ଷେ ଅସହ୍ୟ ହୋଇଉଠିଛି। ଆମ୍ର ବଉଳରୁ ମଧୁ ଆହରଣ କରିବା ପାଇଁ, ତା' ଚାରିପଟେ ଭ୍ରମରମାନେ ଗୁଣୁଗୁଣୁ ହୋଇ ଉଡ଼ିବା ଫଳରେ ମୋର କାମବେଦନା ତୀବ୍ରତର ହେଉଛି।

---

*The crimson Aśoka buds hurt my eyes now; the cool breeze from the lakeside only causes the flames in me to burn brighter; the humming bees that hover around the new mango blossoms do not bring mc any comfort.*

# ତୃତୀୟ ସର୍ଗ





*କଂସାରିରପି ସଂସାର-ବାସନା-ବଦ୍ଧ-ଶୃଙ୍ଖଳାମ୍।*
*ରାଧାମାଧାୟ ହୃଦୟେ ତତ୍ୟାଜ ବ୍ରଜସୁନ୍ଦରୀଃ।*
*ଇତସ୍ତତସ୍ତାମନୁସୃତ୍ୟ ରାଧିକା-ମନଙ୍ଗ-ବାଣ-ବ୍ରଣ-ଖିନ୍ନ-ମାନସଃ।*
*କୃତାନୁତାପଃ ସ କଳିନ୍ଦ-ନନ୍ଦିନୀ-ତଟାନ୍ତ-କୁଞ୍ଜେ ବିଷସାଦ ମାଧବଃ।*

---

ଯହୁଁ ସେ ରାଧା ଗମନ କୃଷ୍ଣର ଅତି ବିମନ। ତେଜିଲେ ବିବିଧ କେଳି ବ୍ରଜକାମିନୀ।
ସେ ରାଧା ରୂପ ପ୍ରକାଶ ସଂସାର ବନ୍ଧନ ପାଶ। ତେଣୁ ସେ ହୃଦୟେ ତାପ ଅମ୍ବୁଜ ପାଣି।
ପ୍ରିୟାକୁ ସେ ଧରିଣ ମନେ, ଚାହାନ୍ତି ଚଞ୍ଚଳଚିତ୍ତେ ମଧୁସୂଦନେ।
ପୀଡ଼ିଲା ମଦନବାଣ ଗାଢ଼େ ଅତି କ୍ଷୀଣ ମନ। କଳିନ୍ଦନନ୍ଦିନୀ ପୁଲୀନରେ ବିଶେଷି।
ଗହନ ନିକୁଞ୍ଜବନ ଲତା କେଳିଗୃହ ସ୍ଥାନ। ବିଷାଦ ମାଧବ ତଥି ଭିତରେ ବସି।
ଅତି ତାପି ଜଗତସାଇଁ। ନୟନ ମନ ରାଧାର ସନ୍ନିଧେ ଦେଇ।

---

ସଂସାର ବାସନାର ଶୃଙ୍ଖଳା ସ୍ୱରୂପ ଶ୍ରୀରାଧାଙ୍କ ମନୋଭାବକୁ ହୃଦୟରେ ଧାରଣ କରି,
କଂସ ନାମକ ଅସୁରର ଶତ୍ରୁ ଶ୍ରୀକୃଷ୍ଣ ବ୍ରଜସୁନ୍ଦରୀ ଗୋପରମଣୀମାନଙ୍କୁ ତ୍ୟାଗ କରି ସେଠାରୁ ଚାଲିଗଲେ।
ମାଧବ ଶ୍ରୀକୃଷ୍ଣ କନ୍ଦର୍ପର ବାଣରେ ଖିନ୍ନ ହୋଇ ଅନୁତାପ କରିବା ସଙ୍ଗେ ସଙ୍ଗେ,
ଶ୍ରୀରାଧାଙ୍କୁ କୁଞ୍ଜବନର ଏଣେତେଣେ ଖୋଜିବା ପରେ,
ଅତ୍ୟନ୍ତ ଦୁଃଖିତ ମନରେ କଳିନ୍ଦନନ୍ଦିନୀ ଯମୁନା ତଟରେ ଥିବା ନିଜ କୁଞ୍ଜଗୃହରେ ବସିରହିଲେ।

---

*Madhusūdana, the Enraptured One Kṛṣṇa,*
*the foe of demon Kamsa, abandons the beautiful women of Braja and is haunted by the memories of Rādhā that bind Him in chains of worldly passions.*



ମାମିୟଂ ଚଳିତା ବିଲୋକ୍ୟ ବୃତଂ ବଧୂ-ନିଚୟେନ।
ସାପରାଧତୟା ମୟାପି ନ ନିବାରିତାତିଭୟେନ।
ହରିହରି ହତାଦରତୟା ଗତା ସା କୁପିତେବ। ଧ୍ରୁବଂ।

---

ବସିଣ ମଧୁସୂଦନ ବିଚାର କରନ୍ତି ମନ। ନୟନେ ଦେଖିଅଛି ପ୍ରାଣର ମଣି।
ଗୋପବଧୂ ସମୂହରେ କେଳି କରନ୍ତେ ନିର୍ଭରେ। ବଚନ ମୁଁ ନ କହିଲି ନିଷ୍ଠୁର ପ୍ରାଣୀ।
ଅପରାଧ କଲି ତାହାରେ।
ଅତି ତାପେ କୋପ କରିଗଲା ସେ ମୋରେ।

---

କୁଞ୍ଜବନର କେଳିସଦନରେ ବସି ଶ୍ରୀକୃଷ୍ଣ ମନେମନେ ଅନୁତାପ କରି ବିଚାରକରୁଛନ୍ତି- ମୋତେ ଗୋପରମଣୀମାନଙ୍କ ଗହଣରେ ଦେଖି ହତାଦରା ହୋଇ ଅତ୍ୟନ୍ତ କୋପରେ ରାଧିକା ଏଠାରୁ ଚାଲିଗଲେ। ହାୟ! ହାୟ! ମୁଁ କ'ଣ କରିବି ? ମୁଁ ନିଜେ ଅପରାଧୀ ହୋଇଥିବାରୁ ଅତ୍ୟନ୍ତ ଭୟ କରି ତାଙ୍କୁ ଅଟକାଇ ପାରିଲିନାହିଁ।

---

*She saw me frolicking with those women and was gone, I did not stop her due to my own sense of guilt. Damn me ! my wanton ways made her leave in anger.*

କିଂ କରିଷ୍ୟତି କିଂ ବଦିଷ୍ୟତି ସା ଚିରଂ ବିରହେଣ।
କିଂ ଧନେନ ଜନେନ କିଂ ମମ କିଂ ସୁଖେନ ଗୃହେଣ।

---

କି କରୁଥିବ ସେ ବସି କି ଆଶେ ବଚନ ଭାଷି।
ଚିରକାଳୁ ବିରହିଣୀ ହୋଇଛି ରାମା।
ତା'ର ବିନୁ ମୋର ମନେ ନାହିଁ କାର୍ଯ୍ୟ ଧନେ ଜନେ।
ସଦନରେ ନାହିଁ ଆଉ ସୁଖର ସୀମା।
ଏତେ କହି ଜଗନ୍ନିବାସୀ, ରାଧାର ଗୁଣ ସ୍ୱରୂପ ହୃଦରେ ଘୋଷି।

---

ହେ ବିଧାତା, ଏ ଅବସ୍ଥାରେ ମୁଁ ଯଦି ତାଙ୍କ ନିକଟକୁ ଯିବି, ତେବେ ସେ ମୋ' ପ୍ରତି କି ପ୍ରକାର ବ୍ୟବହାର କରିବେ, କ'ଣ କହିବେ ? ସେ ଚିରବିରହିଣୀ ହୋଇ ନିତାନ୍ତ ବିଷାଦ ଚିତ୍ତରେ ରହିଥିବେ। ତାଙ୍କ ମନରେ ଦୁଃଖଦେଇ, ମୋର ଧନ, ଜନ, ଗୃହ ଓ ସୁଖରେ କି ଅବା ପ୍ରୟୋଜନ ? ତାଙ୍କ ବିହୀନେ ମୋର ଜୀବନ ବୃଥା।

---

*What might she be doing? What will she tell me in her state of desertion? Of what use then of friends, wealth or the comfort of home?*



ଚିନ୍ତୟାମି ତଦାନନଂ କୁଟିଳ-ଭ୍ରୂ-କୋପ-ଭରେଣ।
ଶୋଣ-ପଦ୍ମମିବୋପରି ଭ୍ରମତାକୁଳଂ ଭ୍ରମରେଣ।

ଚିନ୍ତା କରୁଛି ମୋ ମନ କ୍ରୋଧେ ରାଧାର ବଦନ। ଦିଶୁଥିବ ଯେସନେ ଲୋହିତ କମଳ।
ଭ୍ରୂଲତା ବେନି କୁଟିଳ କ୍ରୋଧରେ ଅତି ଚଞ୍ଚଳ। ଯେସନେକ ଶୋଭନ ଭ୍ରମର ଯୁଗଳ।
କିଏ ରଙ୍ଗପଦ୍ମ ଉପରେ, ବସି ନ ପାରି ଭ୍ରମନ୍ତି ଆକୁଳଭରେ।

ମୋ' ଆଚରଣ ଫଳରେ ଶ୍ରୀରାଧାଙ୍କ ମୁଖମଣ୍ଡଳ ରକ୍ତପଦ୍ମ ପରି ଲାଲ ହୋଇଯାଇଥିବ। ପବନରେ ଦୋହଲୁଥିବା କୋକନଦ ଉପରେ ଭ୍ରମରମାନେ ଯେପରି ଇତସ୍ତତଃ ହୋଇ ବସିପାରନ୍ତିନାହିଁ, ଠିକ୍ ସେହିପରି କ୍ରୋଧରେ ତା'ର ଭ୍ରୂଲତା ଯୋଡ଼ିକ କୁଟିଳ ହୋଇ ପ୍ରକମ୍ପିତ ହେଉଥିବ। ପ୍ରାଣପ୍ରିୟା ଶ୍ରୀରାଧାଙ୍କର ସେହି କ୍ରୋଧମୁଦ୍ରାଯୁକ୍ତ ମୁଖମଣ୍ଡଳ ମୋ' ଆଖି ଆଗରେ ଭାସିଉଠୁଛି। ତାକୁ ହିଁ ଚିନ୍ତା କରି ମୋ' ମନ ଅସ୍ଥିର ହେଉଛି।

*I should think about her lovely face with arched brows, which, with anxiety, must be appearing like a red lotus shadowed by hovering bees.*



ତାମହଂ ହୃଦି ସଂଗତା-ମନିଶଂ ଭୃଶଂ ରମୟାମି।
କିଂ ବନେଽନୁସରାମି ତାମିହ କିଂ ବୃଥା ବିଳପାମି।

ତାହାକୁ ମୋ ହୃଦଗତେ ଘେନିଣ ଥାଇ ନିରତେ। ନିଶିଦିବା କ୍ଷଣମାତ୍ର ଅନ୍ତର ନାହିଁ।
ଅତ୍ୟନ୍ତ ଉସ୍ତୁକ ହୋଇ ବିବିଧ କେଳି କରଇ। ବିଚ୍ଛେଦ କଲାକ ମୋତେ ଦାରୁଣ ବିହି।
ଲୋଡ଼ିବି କେବଳ ବନର, ବିଅର୍ଥେ ବିଳାପ ମାତ୍ର କରିବା ସାର।

ମୁଁ ତାହାଙ୍କୁ ସର୍ବଦା ଅତ୍ୟନ୍ତ ସ୍ନେହ ସହକାରେ ହୃଦୟରେ ଧାରଣ କରିଛି। ଅର୍ଥାତ୍ ମନ ମଧ୍ୟରେ ତାହାଙ୍କ ରୂପ, ଗୁଣ, ପ୍ରେମ ଓ ଆଚରଣ ଆଦି ସ୍ମରଣ କରୁଛି। ତେଣୁ ଏହି ନିର୍ଜନବନରେ ବୃଥା ଅରଣ୍ୟରୋଦନ ନକରି, ତାହାଙ୍କୁ ଖୋଜିବି। ଅଥବା ମୁଁ ତାଙ୍କୁ ବନମଧ୍ୟରେ କେଉଁଠି ଅବା ଅନୁସରଣ କରିବି ଓ ବୃଥାରେ କାହିଁକି ବିଳାପ କରିବି ?

*I can hold her in my heart in meditation and always get the pleasure of making love. Why should then I look for her in the woods or cry in vain?*

ତନ୍ୱି ଖିନ୍ନମସୂୟୟା ହୃଦୟଂ ତବାକଳୟାମି।
ତନ୍ନ ବେଦ୍ମି କୁତୋ ଗତାସି ନ ତେନ ତେଽନୁନୟାମି।

ବୋଲନ୍ତି ଦେବ ମୁରାରି ଶୁଣ ସଖି! କୃଶୋଦରି। ନିଶ୍ଚୟ ଜାଣିଲି ମୁହିଁ ତୋହର କାୟା।
ହିଂସା ଅଭିମାନ ବହି ଅତି କ୍ଷୀଣ କଲୁ ଦେହି। କଠିନ ହୃଦୟ ତୋର ଅତି ନିର୍ଦ୍ଦୟା।
ନୋହିଲି ମୁଁ ବିନୟୀ ବାରେ, କାହିଁଗଲୁ ନ ଜାଣଇ ଏ ବନ ଘୋରେ।

ହେ ସୁକୁମାରୀ ରାଧିକେ! ମୁଁ ଭଲଭାବରେ ଜାଣିପାରିଛି, ମୋ' ଆଚରଣ ଫଳରେ ତୁମ ହୃଦୟ ଈର୍ଷ୍ୟାରେ କ୍ଷୁବ୍ଧ ହୋଇଉଠିଛି। କିନ୍ତୁ ତୁମେ କୁଆଡ଼େ ଗଲ, ତାହା ମୁଁ ଜାଣିନାହିଁ; ନୋହିଲେ ମୁଁ ଯାଇ ଅନୁନୟ ବିନୟରେ ତୁମକୁ ବୋଧ କରି ତୁମ ଈର୍ଷ୍ୟା ଓ କ୍ରୋଧ ଦୂର କରିଥାଆନ୍ତି।

*O frail lady ! I know how jealousy has corroded Your heart, but how can I beg Your forgiveness or supplicate before You, since I don't know your whereabouts'?*



*ଦୃଶ୍ୟସେ ପୁରତୋ ଗତାଗତ-ମେବ ମେ ବିଦଧାସି*
*କିଂ ପୁରେବ ସସଂଭ୍ରମଂ ପରିରମ୍ଭଣଂ ନ ଦଦାସି।*

ଲୋଚନ ଦେଖିଛି ମୋର ବିଧୁବଦନ ତୋହର। ଅଗ୍ରତେ ଦେଖୁଚି ଆସି ଯାଉଛୁ ପ୍ରିୟେ।
ପୂର୍ବରେ ତୋହର ମୋର ଯେସନେ ମନ ସ୍ୱାଦର। ତେସନ ପ୍ରାୟକ କି କେ ସୁଦୟା ନୋହେ।
ଭୁଜେ ଭିଡ଼ିଣ ହୃଦଗତେ, ଗାଢ଼େ ଆଲିଙ୍ଗନ କି କେ ନ କଲୁ ମତେ।

ମୋ' ଆଖି ଆଗରେ ତୁମେ ନାଚିଯାଉଛ। ମନେହେଉଛି- ସତେ ଯେପରି ତୁମେ ମୋ'ରି ଆଗରେ ଗତାଗତ କରୁଛ ! କିନ୍ତୁ ପୂର୍ବରୁ ଯେପରି ମୋତେ ଦେଖିବା ମାତ୍ରେ ଆଲିଙ୍ଗନ କରି ଅଶେଷ ସୁଖ ପ୍ରଦାନ କରୁଥିଲ, ଏବେ ସେପରି କରୁନାହଁ କାହିଁକି ? (ଏଠାରେ କାମଭାବନା ଫଳରେ ଚିତ୍ତବିଭ୍ରମ ହେତୁରୁ ଶ୍ରୀକୃଷ୍ଣଙ୍କର ଏପରି ଅବସ୍ଥା ହୋଇଛି।)

*Your image still haunts me. As though you appear and vanish before my eyes.*
*Why don't you grant me the ecstasy of your encircling embrace as usual?*



*କ୍ଷମ୍ୟତାମପରଂ କଦାପି ତବେଦୃଶଂ ନ କରୋମି।*
*ଦେହି ସୁନ୍ଦରି ଦର୍ଶନଂ ମମ ମନ୍ମଥେନ ଦୁନୋମି।*

କ୍ଷମାକର ମୋତେ ସଖି! ବିକଚ କମଳମୁଖୀ। କଦାଚିତେ ଦୋଷ ଆଉ କରିବିନାହିଁ।
ଦେଖା ଦେଉ କିନା ମୋତେ ପ୍ରସନ୍ନ ହୋଇଣ ଚିତ୍ତେ। ନିର୍ଦ୍ଦୟ ମଦନ ଦହୁଅଛଇ ଦେହୀ।
ବାରେ ସଖି! କରୁଣା କର, ବଜ୍ର ହୁଁ କଠିନ ଏହି ଅନଙ୍ଗଶର।

ହେ ସୁନ୍ଦରୀ ! ମୁଁ ଯାହା କିଛି ଅପରାଧ କରିଛି, କ୍ଷମା କରିଦିଅ। ତୁମଠାରେ ଏଭଳି ଅପରାଧ ଆଉ ଦିନେ ହେଲେ କରିବି ନାହିଁ। ତୁମ ବ୍ୟତୀତ ମୁଁ କାମବାଣରେ ପୀଡ଼ିତ ହେଉଛି। ତେଣୁ ତୁମେ ଶୀଘ୍ର ମୋତେ ଦେଖାଦେଇ ମୋର କାମତାପ ଶାନ୍ତକର।

*O winsome lady ! forgive mc now, for I won't do this to you again.*
*Grant me your presence for I burn with passion.*

*ବର୍ଣ୍ଣିତଂ ଜୟଦେବକେନ ହରେରିଦଂ ପ୍ରବଣେନ।*
*କିନ୍ଦୁବିଲ୍ୱ-ସମୁଦ୍ର-ସମ୍ଭବ-ରୋହିଣୀ-ରମଣେନ।*

ହରିର ରହସ୍ୟବାଣୀ ଜୟଦେବ ଯାହା ଭଣି। କେନ୍ଦୁବିଲ୍ୱ ନାମ ଗ୍ରାମ ସମୁଦ୍ରବତ।
ତଥି ଉତପତ୍ତି ଚନ୍ଦ୍ର କବିରାଜ ପୂର୍ଣ୍ଣପଦ। ସକଳ ସଂସାର ସାର ସଙ୍ଗୀତ ରତ।
ପଦ୍ମାବତୀ-ପରାଣ-କାନ୍ତ, ରୋହିଣୀର ନାଥ ଏ ନିର୍ମଳ ରଚିତ।

କେନ୍ଦୁବିଲ୍ୱ ନାମକ ଶାସନ ହେଉଛି ଗୋଟିଏ ସମୁଦ୍ର। ସେହି ସମୁଦ୍ର ତୁଲ୍ୟ ଶାସନରେ ଚନ୍ଦ୍ରମାଙ୍କ ସଦୃଶ ଜାତହୋଇଥିବା ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସର୍ବଦା ଆନତ ଜୟଦେବକବି ଏପରି ଭାବରେ ଶ୍ରୀହରିଙ୍କ ଚରିତ ବର୍ଣ୍ଣନ କରୁଛନ୍ତି।

*The story of Hari is narrated thus by Jayadeva, the poet, who shines in Kenduvilva village like the moon rising from the sea.*



ହୃଦି ବିଶ-ଲତା-ହାରୋ ନାୟଂ ଭୁଜଙ୍ଗମ-ନାୟକଃ।
କୁବଳୟ-ଦଳ-ଶ୍ରେଣୀ କଣ୍ଠେ ନ ସା ଗରଳ-ଦ୍ୟୁତିଃ।
ମଳୟଜ-ରଜୋ ନେଦଂ ଭସ୍ମ ପ୍ରିୟା-ରହିତେ ମୟି,
ପ୍ରହର ନ ହର-ଭ୍ରାନ୍ତ୍ୟା-ନଙ୍ଗ କ୍ରୁଧା କିମୁ ଧାବସି।

---

ବୋଲନ୍ତି ଶୁଣସି ମାର! ତୋହର ରିପୁ ସେ ହର। କେ କି ଧାଇଁଅଛୁ ମୋତେ ସରୋଷ ହୋଇ।
ଆଭରଣମାନ ଚାହିଁ ଭ୍ରାନ୍ତି ଅବା କରୁ ତୁହି। କହଇ ଅଗ୍ରତେ ତୋର ରତିର ସାଇଁ।
ଦଣ୍ଡେ ରହି ଶୁଣ ଉତ୍ତର, ଦୁଃଖିଜନ ଦେଖି ଦୟା କରନ୍ତି ଧୀର।
ହୃଦରେ ଧରିଛି ମୋର ମଳିନ ମୃଣାଳ ହାର। ନୁହଇ ଭୁଜଙ୍ଗରାଜ ଅନନ୍ତ ଅହି।
କୁବଳୟଦଳ ମାଳ କଣ୍ଠେ ନୁହଇଁ ଗରଳ। ଦେହେ ମଳୟଜରଜ ଭସ୍ମ ନୁହଇଁ।
ଶୁଣ କାମ କହଇ ତୋତେ। ନୀଳକଣ୍ଠ କୋଳେ କାନ୍ତା ଥାଇ ନିରତେ।
ପ୍ରିୟାର ବିଚ୍ଛେଦ ମୋର ତାପ ଅତି ଗୁରୁତର। ଅନଳେ ଦହନ ପ୍ରାୟ ହେଉଛି ଅଙ୍ଗ।
ତେଣେ ସେ ଏମାନ ଆଣି ହୃଦୟେ ଅଛଇ ଘେନି। ବିଚାରିଣ କୋପ ତୁ ହେ କର ଅନଙ୍ଗ।
ତୋତେ କାମ। ବିନୟ କଲି ପ୍ରହାର ନ କର ଶର ଶଙ୍କର ବୋଲି।

---

ଶ୍ରୀକୃଷ୍ଣ ବିନୀତ ଭାବରେ କାମଦେବଙ୍କୁ ଅନୁରୋଧ କରି କହୁଛନ୍ତି – ହେ ଅନଙ୍ଗ, ପୂର୍ବେ ତୁମ ଶରୀରକୁ ଶିବ ଭସ୍ମ କରିଦେଇଥିବାରୁ, ସେହି କ୍ରୋଧରେ ତୁମେ ମୋତେ ଭ୍ରମବଶତଃ ଶିବ ବୋଲି ଅନୁମାନ କରି ଯେଉଁ ପ୍ରହାର କରୁଛ, ମୁଁ ତାହାର ପ୍ରକୃତ ପାତ୍ର ନୁହେଁ। ମୋର ବକ୍ଷସ୍ଥଳରେ ଶୀତଳ ମୃଣାଳ ହାର ଦେଖି ତୁମେ ଏହାକୁ ସର୍ପହାର ବୋଲି ମନେକରିଛ। ମୋ' କଣ୍ଠରେ ନୀଳକଇଁର ପତ୍ରମାନ ରହିଛି, ଏହାକୁ ବୋଧହୁଏ ତୁମେ ଶିବଙ୍କ କଣ୍ଠଦେଶରେ ଥିବା ବିଷଜ୍ୱାଳା (ନୀଳ) ବୋଲି ମନେକରିଛ। ପ୍ରିୟା ବିରହରେ ସନ୍ତପ୍ତ ହୋଇ ମୁଁ ମୋର ଶରୀରକୁ ଶୀତଳ କରିବା ପାଇଁ ଯେଉଁ ଚନ୍ଦନ ବୋଳିଥିଲି, ତାହା ବିରହତାପରେ ଶୁଖିଯାଇ ଏପରି ଦିଶୁଛି। ପ୍ରକୃତରେ ଏହା ଶିବଙ୍କ ଶରୀରରେ ବୋଳାଯାଇଥିବା ଭସ୍ମ ନୁହେଁ। ତେଣୁ ମୋର ଅନୁରୋଧ, ତୁମେ ମୋତେ ଭୁଲ୍‌ରେ ଶିବ ବୋଲି ଭାବିନେଇଛ। ଏପରି ଭ୍ରମର ବଶବର୍ତ୍ତୀ ହୋଇ ତୁମେ ମୋତେ ଫୁଲଧନୁରେ ପ୍ରହାର କରିବା ପାଇଁ ଧାଇଁ ଆସୁଛ କାହିଁକି ?

---

*It is not a necklace of snakes but lotus stalks that garland my neck; it is the petals of blue lily, not the colour of poison in my throat, it is sandalwood powder and not ash thai is smeared on my body. God of lovc, do not attack me mistaking me for Siva, Why do you then rush towards me in rage?*



ପାଣୌ ମା କୁରୁ ଚୂତ-ଶାୟକମମୁଂ ମା ଚାପମାରୋପୟ।
କ୍ରୀଡ଼ା-ନିର୍ଜିତ-ବିଶ୍ୱ ମୂର୍ଚ୍ଛିତ-ଜନା-ଘାତେନ କିଂ ପୌରୁଷମ୍।
ତସ୍ୟା ଏବ ମୃଗୀଦୃଶୋ ମନସିଜ ପ୍ରେଙ୍ଖତ୍ କଟାକ୍ଷାଶୁଗ-
ଶ୍ରେଣୀ-ଜର୍ଜରିତଂ ମନାଗପି ମନୋ ନାଦ୍ୟାପି ସିନ୍ଧୁକ୍ଷତେ।

ଶୁଣ ରାୟ ମନମଥ ! ତନୁ ଅତି ଅଶକତ। କ୍ରୂର ଶର ଚାପେ ଆଉ ନ ମାର ମୋତେ।
ଲୀଳା ଏ ଜିଣି ସଂସାର ତ୍ରୈଲୋକ୍ୟେ ଗରିମା ଯା'ର। ମୋହ ଗଲା ପ୍ରାଣୀ ମାରି କି ଯଶ ତୋତେ।
ମୃଗାକ୍ଷୀର କଟାକ୍ଷ ବାଣ, ଶରୀରେ ପଡ଼ି ଜର୍ଜ୍ଜର ହେଉଛି ପ୍ରାଣ।

ହେ ମନସିଜ କାମଦେବ। ଏହି ଆମ୍ର ମଞ୍ଜରୀ ରୂପକ ବାଣଟିକୁ (ଆମ୍ରବଉଳ, ପଦ୍ମ, ଅଶୋକ, ନୂଆମଲ୍ଲୀ ବା ମାଧବୀ ଓ ରକ୍ତକଇଁ, ଏହି ପାଞ୍ଚଗୋଟି କାମଦେବଙ୍କର ପାଞ୍ଚଶର ରୂପେ ଖ୍ୟାତ) ଆଉ ତୁମ ଫୁଲଧନୁରେ ଚଢ଼ାଇ ହସ୍ତରେ ଧାରଣ କରନାହିଁ। ଯେଉଁ ମଦନ ଅବଲୀଳାକ୍ରମେ ବିଶ୍ୱ-ଜନମାନଙ୍କୁ ଜୟ କରିବାରେ ସମର୍ଥ, ସେପରି ଧୁରନ୍ଧର ବୀର ଗୋଟିଏ ମୂର୍ଚ୍ଛିତ ଜନକୁ ଆଘାତ ଦେବାରେ ପୌରୁଷ କ'ଣ? କାରଣ ମୋର ସେହି ପ୍ରଣୟିନୀ ଶ୍ରୀରାଧାଙ୍କ ମନରେ ସପତ୍ନୀଜନିତ ଯେଉଁ ଜ୍ୱାଳା ପ୍ରଜ୍ୱଳିତ ହେଉଛି, ସେହି ଜ୍ୱାଳାମିଶ୍ରିତ କଟାକ୍ଷର ଉତ୍ତାପରେ ଦଗ୍ଧହୋଇଥିବା ମୋର ଶରୀର ଅଦ୍ୟାପି ସୁସ୍ଥ ହୋଇନାହିଁ। ସେପରି ପରିସ୍ଥିତିରେ ଜଣେ ମୃତବତ୍-ଜନକୁ ତୁମେ ଆଘାତ କାହିଁକି ଦେଉଛ ? ଏଥିରେ ତୁମକୁ କେଉଁ ପୌରୁଷ ମିଳିବ ?

*Why do you aim your mango-blossom arrow at me? I am already wounded with the glances of the doe-eyed Rādhā burning with jealousy.*
*You, who have conquered the world, what evidence of valour do you want to exhibit by attacking a weak victim like me?*





*ଭ୍ରୂ-ଚାପେ ନିହିତଃ କଟାକ୍ଷ-ବିଶିଖୋ ନିର୍ମାତୁ ମର୍ମବ୍ୟଥାଂ*
*ଶ୍ୟାମାତ୍ମା କୁଟିଳଃ କରୋତୁ କବରୀ-ଭାରୋଽପି ମାରୋଦ୍ୟମମ୍।*
*ମୋହଂ ତାବଦୟଂ ଚ ତନ୍ୱି ତନୁତାଂ ବିମ୍ବାଧରୋ ରାଗବାନ୍*
*ସଦ୍‌ବୃତ୍ତ-ସ୍ତନ-ମଣ୍ଡଳସ୍ତବ କଥଂ ପ୍ରାଣୈର୍ମମ କ୍ରୀଡ଼ତି।*

ଶୁଣ ତୁ କହଇ ସଖି! ଅକଳଙ୍କ ଶଶୀମୁଖି। ଭ୍ରୂଲତା ତୋ ଫୁଲଧନୁ ନୟନଶର।
ସେ ମୋର ମରମ ସ୍ଥାନେ ପୀଡୁଅଛି ଅନୁକ୍ଷଣେ। କୁଟିଳ କବରୀ ଜୀବ ଘେନିବ ମୋର।
କ୍ରୂରଜନ ଏସନ ରୀତି, ଭ୍ରୂଲତା ଅପାଙ୍ଗ ବକ୍ର ସ୍ୱଭାବ ଗତି।
ସୁରଙ୍ଗ ଅଧର ତୋର ପକ୍ୱବିମ୍ବଫଳାକାର। ସ୍ୱଭାବ ରଙ୍ଗ ତାହାର ବହିଣ ଅଛି।
ସଦବୃତ୍ତ କୁଚଭାର ଚାରୁ ଏ ସରସଧାର, ଏ କି କେ ମୋହର ମର୍ମସ୍ଥଳ ଦହୁଛି।
କୃପା ମୋରେ କର ସୁକେଶି। ମଜ୍ଜି ମଦନ-ନଦୀରେ ଯାଉଛି ଭାସି।

ହେ ସୁନ୍ଦରୀ ରାଧିକେ ! ତୁମ ଭ୍ରୂକୁଟି ରୂପକ ଧନୁରେ କଟାକ୍ଷ ରୂପକ ଶର ଆରୋପିତ ହୋଇ ମୋ' ମର୍ମସ୍ଥଳରେ ବ୍ୟଥା ଜାତ କରାଉ, ଏଥିରେ ମୋର ଆପତ୍ତି ନାହିଁ। କାରଣ ଧନୁର୍ଗୁଣରେ ଶର ବସିଲେ ତାହା ଅନ୍ୟର ପ୍ରାଣଘାତକ ହୋଇଥାଏ। ତୁମର ଯେଉଁ କୃଷ୍ଣବର୍ଣ୍ଣ କବରୀଭାରର କୁଟିଳତା ମୋତେ ବଧ କରିବା ପାଇଁ ଉଦ୍ୟମ କରୁ, ଏଥିରେ ବି ମୋର ଆପତ୍ତି ନାହିଁ। ଆହୁରି ମଧ ଲାଲରଙ୍ଗରେ ରଞ୍ଜିତ ବିମ୍ବଫଳ ସଦୃଶ ତୁମର ଅଧର ମୋ' ମନରେ ମୋହ ଜାତ କରାଉ, ଏଥିରେ ବି ମୋର କିଛି ଆପତ୍ତି କରିବାର ନାହିଁ। କିନ୍ତୁ ତୁମର ବର୍ତ୍ତୁଳ ସ୍ତନ ଯୁଗଳ କାହିଁକି ଯେ ମୋର ପ୍ରାଣ ହରଣ କରିବା ପାଇଁ ମୋ' ମନରେ ଖେଳ ଲଗାଇଛି, ମୁଁ ଆଦୌ ଜାଣିପାରୁନାହିଁ।

*O frail Rādhā through the glancing arrows from Your brow's bow you may hurt me to the core. Your heavy black sinuous braid can cause my death. Your luscious red lips can make me senseless. But how do Your perfect round breasts play havoc with my life.*



*ତାନି ସ୍ପର୍ଶ-ସୁଖାନି ତେ ଚ ତରଳାଃ ସ୍ନିଗ୍ଧା ଦୃଶୋର୍ବିଭ୍ରମା-*
*ସ୍ତଦ୍ବକ୍ତ୍ରାମ୍ବୁଜ-ସୌରଭଂ ସ ଚ ସୁଧାସ୍ୟନ୍ଦୀ ଗିରାଂ ବକ୍ରିମା।*
*ସା ବିମ୍ବାଧର-ମାଧୁରୀତି ବିଷୟା-ସଙ୍ଗେଽପି ଚେଦ୍ଧ୍ୟାନସଂ*
*ତସ୍ୟାଂ ଲଗ୍ନ-ସମାଧି ହନ୍ତ ବିରହ-ବ୍ୟାଧିଃ କଥଂ ବର୍ତ୍ତତେ।*

---

ପୁନରପି ବୋଲୁଛନ୍ତି ଚତୁର୍ଦ୍ଦଶ-ଲୋକପତି। ରାଧା ତୁଲେ ପୂର୍ବେ କ୍ରୀଡ଼ା କରିଛି ମୁହିଁ।
ସ୍ପରଶନେ କୁଚଚଭାର ଆଲିଙ୍ଗନେ ତନୁବର। ଯେତେ ସୁଖ ରତିପତି! ଅଛି ମୁଁ ଲିହି।
ଚଞ୍ଚଳ ତା ତରଳ ଆଖି। ଅପାଙ୍ଗେ ଚାହିଁଲେ କାମେ ହୁଅଇ ଦୁଃଖୀ।
ଦେଖିଣ ତାପ ମୋହର ପ୍ରିୟାର ମନେ କାତର। ଭୁଜେ ଭିଡ଼ି ଆଲିଙ୍ଗନ ଚୁମ୍ବନ ଦେଇ।
ତେଣୁ ସେ ମଦନଜ୍ୱର ଶରୀରେ ନ ରହେ ମୋର। ସୁଖ ଜଳଧି ମଧରେ ମଜ୍ଜଇ ମୁହିଁ।
ମୁଖ ତା'ର ପଦ୍ମସୁବାସ, ଭୃଙ୍ଗପ୍ରାୟେ ମନ ମୋର ନ ଛାଡ଼େ ପାଶ।
ମନ୍ଦ ହାସ ବକ୍ରବାଣୀ ପୀୟୂଷ ପୂରିତ ଜାଣି। ଶ୍ରବଣେ ଶୁଣନ୍ତେ ଚିତ୍ତ ପ୍ରମୋଦ ବହେ।
ବିମ୍ବାଧରୁ ମଧୁପାନେ ତୋଷ ଅତି ମୋର ମନେ, ବିଷୟ ବିଳାସ ଯେତେ ଆନନ୍ଦମୟେ।
ତାହା ସଙ୍ଗେ କରିଛି ଭୋଗ, କେସନେ ବଢ଼ଇ ଏବେ ବିରହରୋଗ।

---

କନ୍ଦର୍ପକୁ ସାକ୍ଷ୍ୟକରି ଶ୍ରୀକୃଷ୍ଣ କହୁଛନ୍ତି – ହେ କନ୍ଦର୍ପ, ଶ୍ରୀରାଧାଙ୍କ ଶରୀରକୁ ଆଲିଙ୍ଗନ କରିବା ଫଳରେ, ମୋ' ଦେହ ସ୍ପର୍ଶସୁଖ ଅନୁଭବ କରିଛି। ଶ୍ରୀରାଧାଙ୍କର ନୟନଯୁଗଳର କଟାକ୍ଷ ଚାହାଣିକୁ ମୋ' ନେତ୍ର ପ୍ରତ୍ୟକ୍ଷ କରିଛି। ତାଙ୍କ ମୁଖପଦ୍ମର ସୁଗନ୍ଧ ମୋ' ନାସିକା ଭଲଭାବରେ ଆଘ୍ରାଣ କରିଛି। ତାଙ୍କ ବିମ୍ବାଧରର ମାଧୁରୀ ମୋ' ରସନା (ଜିହ୍ୱା) କୁ ତୃପ୍ତ କରିଛି। ତାହାଙ୍କର ଅମୃତପରି ରସମୟୀ ବକ୍ରୋକ୍ତି ପୂର୍ବରୁ ମୋ' କର୍ଣ୍ଣଯୁଗଳ ଶୁଣିଛନ୍ତି। ଏ ସମସ୍ତ ବିଷୟଲାଭ ପୂର୍ବରୁ ହୋଇଥିଲେ ହେଁ, ବର୍ତ୍ତମାନ ତାଙ୍କଠାରେ ଏକଲୟରେ ମୋ' ମନ ଲାଖିରହି, ମୋର ବିରହରୂପକ ବ୍ୟାଧିକୁ ବଢ଼ାଉଛି କାହିଁକି ?

---

*The bliss of her tender touch, the joy of watching the soil movement of her watery eyes, the perfume of her lovely lotus face, the sweet sound of her loving voice, the ncctarian honey of her brilliant crimson lips, all these senses I perceive in a meditating state, why then this pain and pang of separation?*



*ଭ୍ରୂ-ପଲ୍ଲବଂ ଧନୁର-ପାଙ୍ଗ-ତରଙ୍ଗିତାନି*
*ବାଣା ଗୁଣଃ ଶ୍ରବଣ-ପାଳିରିତି ସ୍ମରେଣ।*
*ତସ୍ୟାମନଙ୍ଗ-ଜୟ-ଜଙ୍ଗମ-ଦେବତାୟା*
*ମସ୍ତ୍ରାଣି ନିର୍ଜିତ-ଜଗଂନ୍ତି କିମର୍ପିତାନି।*

ଭ୍ରୂଲତା କାର୍ମୁକ ତା'ର ନୟନ ଅନଙ୍ଗଶର। ସଜନୀ ଶ୍ରବଣ ଯାଏଁ ଅଞ୍ଜନରେଖା।
ଜଗତ ଜିଣି ମଦନ ବିବିଧ ଆୟୁଧମାନ। ରାଧିକାର ତହିଁ ଥୋଇ କରିଛି ଶିକ୍ଷା।
ଆଶ୍ରେ କରିଅଛି ତାହାକୁ, ତ୍ରିଭୁବନେ ସମ ଆଉ ନାହିଁ ଯାହାକୁ।

ହେ କାମଦେବ, ଜଗତକୁ ଜୟ କରିପାରୁଥିବା ଭଳି ଯେଉଁ ଅସ୍ତ୍ରଶସ୍ତ୍ର ସମୂହ ରହିଛି, ସେହି ଅସ୍ତ୍ରଗୁଡ଼ିକ ତୁମେ ଶ୍ରୀରାଧାଙ୍କଠାରେ ଅର୍ପଣ କରିଛ ବୋଲି ମୁଁ ମନେକରୁଛି। ଶ୍ରୀରାଧାଙ୍କ ଭ୍ରୂପଲ୍ଲବକୁ ଧନୁ, ଚଞ୍ଚଳ କଟାକ୍ଷରୂପକ ବାଣ, କର୍ଣ୍ଣଲତିକା ହେଉଛି ଧନୁର ଗୁଣ। ଏହି ଅସ୍ତ୍ରଗୁଡ଼ିକ ବୋଧହୁଏ, ମୋତେ ଜୟ କରିବା ପାଇଁ ତୁମେ ରାଧାଙ୍କଠାରେ ଅର୍ପଣ କରିଛ !

*Her arched brow is love-god Kāmadeva's bow. Her darting glances are His arrows. Her earlobes are His bow strings. It seems the God of love has bequeathed these weapons to her to vanquish the entire world.*